# Akashvani, Sambalpur

## SAMBALPURI NEWS EVENING BULLETIN

## 9 August 2025- 7.02 pm- 7.12 pm.

*********************************************

୧- ସୁଭଦ୍ରା ଯୋଜ୍ନା ମହିଲାମାନ୍କର୍ ଜୀବନ୍ଥି ପ୍ରଗତି ଆଉ ପରିବର୍ତ୍ତନ୍ର ନୂଆଁ ଅଧ୍ୟାୟ ସୃଷ୍ଟି କରିଛେ କହେଲେ ମୁଖ୍ୟମନ୍ତ୍ରୀ ।

- ଜୟପୁର୍ନୁ ହିତାଧିକାରୀମାନ୍କୁ ବଂଟାଗଲା ୩ ନମ୍ବର୍ କିସ୍ତିର୍ ସାହାଜ୍ ଟଙ୍କା ।

୨- ରାଜ୍ୟର୍ ସହର୍ନୁ ଗାଁତକ୍ ସବୁନ ପାଲିତ୍ ହେଇଛେ ପବିତ୍ର ରାକ୍ଷୀପୁନି ।

- ଭିନ୍ ଭିନ୍ ଜାଗା ନ ପାଲିତ୍ ହେଉଛେ ସ୍ୱଭାବ୍ କବି ଗଙ୍ଗାଧର୍ ମେହେର୍ଙ୍କର୍ ଶହେ ୬୪ ତମ ଜୟନ୍ତୀ ।

୩- ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟମାନ୍କେ ଶକ୍ତିଶ୍ରୀ କେନ୍ଦ୍ର ଥାପ୍ନା ଲାଗି ପଦକ୍ଷେପ୍ ନେଲା ଉଚ୍ଚଶିକ୍ଷା ବିଭାଗ୍ ।

ଆଉର୍

୪- ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନୁ ଆଏବା କାଏଲ୍ଠାନୁ ମୁଲ୍ ହେବା ବିଶ୍ୱ ଦୌଡ଼କୁଦ କଂଟିନେଂଟାଲ୍ ପ୍ରତିଯୋଗିତା ।

ସୁଭଦ୍ରା I&PR

ସୁଭଦ୍ରା ଯୋଜ୍‌ନା ମହିଳାମାନ୍‌କର୍ ଜୀବନ୍‌ଥି ପ୍ରଗତି ଆଉ ପରିବର୍ତନ୍‌ର ନୂଆଁ ଅଧ୍ୟାୟ ସୃଷ୍ଟି କରିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ କୋରାପୁଟ୍ ଜିଲ୍ଲାର୍ ଜୟପୁର୍‌ଠାନେ ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତିଥି ୧ କୋଟି ନୁ ଅଏତ୍‌କା ମହିଳା ହିତାଧିକାରୀଙ୍କୁ ସାହାଜ୍ ଟଙ୍କା ବାଂଟିକରି ମୁଖ୍ୟମନ୍ତ୍ରୀ କହିଛନ୍, ନାରୀମାନ୍‌କୁ ସମ୍ମାନ୍ ଦେବାର୍ ସହେତେ ସଶକ୍ତ କର୍‌ବାର୍ ଲାଗି ସୁଭଦ୍ରା ଯୋଜ୍‌ନାର୍ ପରିକଳ୍ପନା ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଦେଖଉଛେ । ଇ ଯୋଜ୍‌ନା ଆଧାର୍‌ଥି ମହିଳାମାନ୍‌କର୍ ଅର୍ଥନୈତିକ୍ ଆଉ ସାମାଜିକ୍ ଅଗ୍ରଗତି ହେବାର୍ ସହେତେ ସେମାନେ ସଶକ୍ତ ହେଇପାରୁଛନ୍ । କୋଟିଆର ସଫଲ୍ ମହିଳା ଉଦ୍ୟୋଗୀ ପାଲୁ ହନ୍ତାଲଙ୍କୁ ୩ ନମ୍ବର୍ କିସ୍ତି ସାହାଜ୍ ଦେଇକରି ମୁଖ୍ୟମନ୍ତ୍ରୀ ଇ କାର୍ଯ୍ୟକ୍ରମ୍ ଶୁଭାରମ୍ଭ କରିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୋରାପୁଟ୍ ଜିଲ୍ଲା ନ ମୋଟ୍ ୭ ଶହ ୬୨ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ଇତାର୍‌ଛଡ଼ା

ଜୟପୁର୍‌ନୁ ଭୁବ୍‌ନେଶ୍ୱର୍‌କେ ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଖୋବ୍ ଜଲ୍‌ଦି ଚଲାଚଲ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

ସୁଭଦ୍ରା ସାହାଜ୍ ଟଙ୍କା ମହିଲାମାନ୍‌କୁ ଆର୍ଥିକ୍ କ୍ଷେତ୍ରଥି ସ୍ୱାବଲମ୍ବୀ କରିପାରିଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ୍ ବଳଭଦ୍ର ମାଝୀ ଆଉ ଜୟପୁର୍ ବିଧାୟକ୍ ତାରାପ୍ରସାଦ୍ ବାହିନୀ ପତି ପ୍ରମୁଖ ଉପସ୍ଥିତ୍ ଥିଲେ ।

ମହିଲାମାନ୍‌କୁ ଆର୍ଥିକ୍ କ୍ଷେତ୍ରଥି ସ୍ୱାବଲମ୍ବୀ କର୍‌ବାର୍ ଲକ୍ଷ୍ୟ ନେଇକରି ରାଜ୍ୟ ସର୍‌କାର୍ ଗଲାବଛର୍ ସେପ୍ଟେମ୍ବର୍ ମାସୁ ଇ ଯୋଜ୍‌ନା ମୁଲ୍ କରିଛନ୍ ।

ସୁଭଦ୍ରା ସାହାଜ୍ -ସମ୍ବଲପୁର ସମ୍ବଲପୁର/ବର୍‌ଗଡ଼୍/ବୌଦ୍ଧ

ରାକ୍ଷୀପୁନି ଅବ୍‌ସରେ ଆଏଜ୍ ସମ୍ବଲ୍‌ପୁର୍ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ଠାନେ ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବଂଟାଯାଇଛେ । ଇ ଅବ୍‌ସରେ ଜିଲ୍ଲାର୍ ୨ ଲାଖ୍ ୪୨ ହଜାର୍ ମହିଲାଙ୍କୁ ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ବର୍‌ଗଡ୍ ଜିଲ୍ଲା ଯଦୁମଣି ଅଡିଟୋରିୟମ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପ୍ରଭାରୀ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସୁଭଦ୍ରା ହିତାଧିକାରୀମାନ୍‌କୁ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟିଛନ୍ । ଇ ଅବ୍‌ସରେ ଜିଲ୍ଲାର୍ ୩ ଲାଖ୍ ୫୯ ହଜାର୍ ୯ ଶହ ୧୨ ଝନ୍ ହିତାଧିକାରୀଙ୍କର୍ ବେଙ୍କ୍ ଖାତାକେ ସିଧାସଲଖ୍ ସୁଭଦ୍ରା ସାହାଜ୍ ଟଙ୍କା ଆସିଛେ ।

ବୌଦ୍ଧ ଟାଉନ୍‌ହଲ୍ ଠାନେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟିଛନ୍ ।

ଗହ୍ମାପୁନି, ରାକ୍ଷୀପୁନି ଆର୍‌ଏନ୍‌ୟୁ କଟକ୍

ଭାଏ ବହେନ୍‌କର୍ ଭିତ୍‌ରେ ପ୍ରେମ୍ ଆଉ ବନ୍ଧନ୍‌ର ପରବ୍ ରାକ୍ଷୀ ପୁନିକେ ଆଏଜ୍ ସାରା ଦେଶେ ଧୁମ୍‌ଧାମ୍‌ଥି ପାଲନ୍ କରାଯାଇଛେ । ବହେନ୍‌ମାନେ ଭାଏ ମାନ୍‌କର୍ ମଙ୍ଗଲ୍ ମନାସି କରି ତାଙ୍କର୍ ହାତେ ରାକ୍ଷୀ ବାନ୍ଧ୍‌ସନ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ପବିତ୍ର ରକ୍ଷାବନ୍ଧନ୍ ପରବ୍ ଭାଏ ଆର୍ ବହେନ୍ ମାନ୍‌କର୍ ଭିତ୍‌ରେ ପ୍ରେମ୍ ଆଉ ବିଶ୍ୱାସ୍‌ର ଅତୁଟ ବନ୍ଧନ୍‌କେ ସୂଚିତ

କର୍‌ସି ବଲି ରାଷ୍ଟ୍ରପତି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଶ୍ରୀ ମୋଦୀଙ୍କର୍ ପାଖ୍‌କେ ଅପରେସନ୍ ସିନ୍ଦୁର୍‌କେ ସୁର୍‌ତା କରିକରି ଅମୃତ୍‌ସର୍‌ନୁ ଗଲାକାଏଲ୍ ବହୁତ୍‌ଟେ ରାକ୍ଷୀ ପଠାଯାଇଥିଲା । ଜୟପୁର୍, ଅରବିନ୍ଦ ନଗର୍ ନ ଥିବା ସରସ୍ୱତୀ ବିଦ୍ୟାମନ୍ଦିର୍ ନ ରକ୍ଷାବନ୍ଧନ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇଥିଲେ । ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଇ ଅବ୍‌ସରେ ରାକ୍ଷୀ ବାନ୍ଧିଛନ୍ ।

ରାକ୍ଷୀପୁନି- ଶ୍ରୀମନ୍ଦିର୍             ପୁରୀ ସମ୍ବାଦଦାତା

ଭାଏବହେନ୍ ମାନ୍‌କର୍ ପବିତ୍ର ସମ୍ପର୍କର୍ ତିହାର୍ ରକ୍ଷାବନ୍ଧନ୍ ଆଉ ଗହ୍ମାପୁନି ଆଏଜ୍ ସାରା ରାଏଜେ ପାଲନ୍ କରାଯାଉଛେ । ପୁରା ମାନବୀୟ ଚଳନୀ ଆଧାର୍‌ଥି ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଲାଗି ଖାସ୍ ପାଟଥି ବଢ଼େଟେ ରାକ୍ଷୀ ତିଆର୍ କରାଯାଇଥିଲା । ପାଟରା ବିଶୋୟୀ ସେବକମାନ୍‌କର୍ ତର୍‌ଫୁ ତିଆର୍ ହେଇଥିବା ଇ ଖାସ୍ ରାକ୍ଷୀ ଆଉ ଗୁଆମାଳ - ଭଉଣୀ ସୁଭଦ୍ରା - ବଡ଼ଭାଇ ବଳଭଦ୍ର ଆଉ ଜଗନ୍ନାଥଙ୍କୁ ପିନ୍ଧେଇଛନ୍ ।

ଗଙ୍ଗାଧର୍ ମେହେର- ଜୟନ୍ତୀ  ସମ୍ବଲପୁର/ ସୁବର୍ଣ୍ଣପୁର୍/ ବୌଦ୍ଧ

ସ୍ୱଭାବକବି ଗଙ୍ଗାଧର୍ ମେହେର୍ଙ୍କର୍ ଆଏଜ୍ ଜନମ୍ଦିନ୍ । ୧୮୬୨ ମସିହା ଶରାବନ୍ ପୁନି ଦିନ ଇ ଯୋଗଜନ୍ମା କବି ଅବିଭକ୍ତ ସମ୍ବଲ୍ପୁର୍ ଜିଲ୍ଲାର୍ ବର୍ପାଲି ନ ଜନମ୍ ହେଇଥିଲେ । ଆଲୋକ ଆଉ ଅମୃତର କବି କୁହାଯାଉଥିବା ଗଙ୍ଗାଧର୍ ମେହେର୍ଙ୍କର୍ ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ, କିଚକବଧ ଆର୍ ଅର୍ଘ୍ୟଥାଳି କବିତା ଗ୍ରନ୍ଥ ତାଙ୍କର୍ ସାରସ୍ୱତ ସାଧନାର ଅମର ସୃଷ୍ଟି ଆଏ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ତାଙ୍କର୍ ଜୟନ୍ତୀ ପାଲନ୍ କରାଯାଉଛେ । ସମ୍ବଲ୍ପୁର୍ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ସ୍ୱଭାବକବି ଗଙ୍ଗାଧର୍ ମେହେର୍ଙ୍କର୍ ଶହେ ୬୪ ତମ ଜନମ୍ ଜୟନ୍ତୀକେ ଧୁମ୍ଧାମ୍ଥି ପାଲନ୍ କରାଯାଇଛେ । କାର୍ଯ୍ୟକ୍ରମ୍ଥି ବାଗ୍ମୀ ଡକ୍ଟର୍ କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗ୍ ଦେଇକରି କବିଙ୍କର୍ କାଳଜୟୀ ରଚନା ବାବ୍ଦେ ଆଲୋଚନା କରିଛନ୍ ।

ସୁବର୍ଣ୍ଣପୁର୍ର ମହାନଦୀ ସାହିତ୍ୟ ସଂସଦ୍ ଆଉ ଜିଲ୍ଲା ସଂସ୍କୃତି ପରିଷଦ୍ ତର୍ଫୁ ଗଙ୍ଗାଧର୍ ମେହେର୍ଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଉତ୍ସବ୍ଥି ସାହିତ୍ୟିକ୍, ବୁଦ୍ଧିଜୀବୀ ଆଉ ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ ।

ବୌଦ୍ଧ ଜିଲ୍ଲା ପଂଚାୟତ୍ ଉଚ୍ଚବିଦ୍ୟାଳୟ ପରିସର୍ ନ ଗଙ୍ଗାଧର୍ ମେହେର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ଅତିଥି ମାନେ ଗଙ୍ଗାଧର୍ ସାହିତ୍ୟ ବାବ୍ଦେ ବିସ୍ତୃତ୍

ଆଲୋଚନା କରିଛନ୍ । କାର୍ଯ୍ୟକ୍ରମ୍ ଥି ବିଦ୍ୟାଳୟ ପରିସର୍ ନ ଗଛ୍ ଜଗାବାର୍ ସହେତେ ଗଛ୍ ମାନ୍‌କୁ ରାକ୍ଷୀ ପିନ୍ଧା ଯାଇଛେ ।

ଅଗଷ୍ଟ କ୍ରାନ୍ତି ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶର୍ ସ୍ୱାଧୀନତା ସଂଗ୍ରାମର ସବୁନୁ ବଡ଼ ବ୍ରିଟିଶ ବିରୋଧୀ ଆନ୍ଦୋଲନ୍ ଆଝିର୍ ଦିନେ ମୁଲ୍ ହେଇଥିଲା । ଆଝିର୍ ଆନ୍ଦୋଲନ୍‌କେ ଅଗଷ୍ଟ କ୍ରାନ୍ତି ଦିବସ୍ ଭାବେ ସାରା ଦେଶେ ପାଲନ୍ କରାଯାଉଛେ । ୧୯୪୨ ମସିହା ଆଝିର୍ ଦିନେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର୍ ଭାରତ୍‌ଛାଡ଼୍ ଆନ୍ଦୋଲନ୍ ଡାକ୍‌ରାଥି ସାରା ଦେଶେ ବ୍ରିଟିଶ୍ ସାମ୍ରାଜ୍ୟ ବିରୋଧ୍ ନ ଦେଶ୍‌ବାସୀ ଜୋର୍‌ଦାର୍ ଉଲ୍‌ଗୁଲାନ୍ କରିଥିଲେ ।

ଶକ୍ତିଶ୍ରୀ ନିଯୁକ୍ତି ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ଶକ୍ତିଶ୍ରୀ କେନ୍ଦ୍ର ଥାପ୍‌ନା ଆଉ ଶକ୍ତିଶ୍ରୀ ସାଥୀ ନିଯୁକ୍ତିକେ ନେଇକରି ପଦକ୍ଷେପ୍ ନିଆଯାଇଛେ । ସବୁ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କେ ଶକ୍ତିଶ୍ରୀ ସଶକ୍ତିକରଣ୍ କେନ୍ଦ୍ର ଥାପ୍‌ନା କରାଯିବା । ବିଭାଗ୍ ତର୍‌ଫୁ ସବୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଆଉ ବିଶ୍ୱବିଦ୍ୟାଳୟର୍ କୁଳପତି ମାନ୍‌କୁ ଚିଠି ଜରିଏ ଜନେଇ ଦିଆଯାଇଛେ ।

ଜନଜାତି ଦିବସ୍     ଆର୍ଏନ୍ୟୁ ସମ୍ବଲପୁର

'ଆଦିବାସୀ ଲୋକ୍ ଆଉ କୃତିମ ବୁଦ୍ଧିମତା - ଅଧିକାର୍ ରକ୍ଷା, ଭବିଷ୍ୟତ୍ ଗଠନ୍' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଆନ୍ତର୍ଜାତୀୟ ଜନଜାତି ଦିବସ୍ । ପୁର୍ଥିର୍ ଭିନ୍ ଭିନ୍ ଦେଶର୍ ଜନଜାତି ଲୁକ୍କର୍ ଅଧିକାର୍ ଆର୍ ସୁରକ୍ଷା ବାବ୍ଦେ ସଚେତନତା ସୃଷ୍ଟି କର୍ବାର୍କେ ଜାତିସଂଘର୍ ସାଧାରଣ ପରିଷଦ୍ର ନିଷ୍ପତି ଅନ୍ସାରେ ଇ ଦିନ୍ ପାଲନ୍ କରାଯାଉଛେ । ୧୯୮୨ ମସିହା ଜେନେଭା ଠାନେ ଆୟୋଜିତ ଜନଜାତି ଜନସଂଖ୍ୟା ସମ୍ପର୍କିତ ପହେଲା ଜାତିସଂଘ କାର୍ଯ୍ୟକାରିଣୀ ବୈଠକ୍ଥି ଇ ଦିବସ୍କେ ସ୍ୱିକୃତୀ ଦିଆଯାଇଥିଲା । ପରିବେଶ୍ ସୁରକ୍ଷା ସାଙ୍ଗେ ଜୁଡ଼ି ହେଇଥିବା ସମସ୍ୟା ମାନ୍କର୍ ସମାଧାନ୍ ଦିଗେ ଆଦିବାସୀ ସମ୍ପ୍ରଦାୟର୍ ଭୂମିକାକେ ସମ୍ମାନ୍ ଜନେଇକରି ଇ ଦିବସ୍ ପାଲନ୍ କରାଯାଉଛେ ।

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଆନ୍ତର୍ଜାତୀୟ ଜନଜାତି ଦିବସ୍ ପାଲନ୍ କରାଯାଉଛେ ।

ହର୍ଘର୍ ତ୍ରିରଙ୍ଗା ଅଭିଯାନ     ଆର୍ଏନ୍ୟୁ/ ସମ୍ବଲପୁର

ଦେଶ୍ ଆଏବା ୧୫ ତାରିଖ୍ ଦିନ ସ୍ୱାଧୀନତାର୍ ୭୮ ବଛର୍ ପାଲନ୍ କର୍‌ବା । ଇ ଅବ୍‌ସରେ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଆଏଜ୍‌ଠାନୁ ସ୍ୱାଧୀନତା ଦିବସ୍‌ତକ୍ ଚାଲ୍‌ବା । ଜାତୀୟ ପତାକାକେ ସମ୍ମାନ୍ ଜନେଇକରି ଦେଶର୍ ସବୁ ନାଗରିକ୍ ନିଜର୍ ଘରେ ଜାତୀୟ ପତାକା ଉଡ଼େଇକରି ସ୍ୱାଧୀନତା ଦିବସ୍ ପାଲନ୍ କର୍‌ବାର୍‌ଟା ଇ ଅଭିଯାନ୍ ମୁଖ୍ୟ ଲକ୍ଷ୍ୟ ଆଏ ।

ଡିଏଲ୍‌ଏସ୍‌ଏ ସଚେତନତା କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଟିକର୍‌ପଡ଼ା ଗ୍ରାମ୍‌ପଂଚାୟତ୍ କାର୍ଯ୍ୟାଳୟ ନ ସାମାଜିକ୍ କଲ୍ୟାଣ୍ ଯୋଜ୍‌ନା ବାବଦ୍ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ । ରାଜ୍ୟ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଚାଲୁଥିବା ଭିନ୍ ଭିନ୍ ସାମାଜିକ୍ କଲ୍ୟାଣ୍ ଯୋଜ୍‌ନାର୍ ହିତାଧିକାରୀମାନେ କେନ୍ତାକରି ଲାଭ୍ ପାଇପାର୍‌ବେ ସେ ବାବ୍‌ଦେ କର୍ମଶାଳାଥି ସଚେତନ୍ କରାଯାଇଥିଲା । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ଆଉ ଜିଲ୍ଲା ଦୌରାଜଜ୍ ପ୍ରତାପ୍ କୁମାର୍ ପାତ୍ରଙ୍କର୍ ନିର୍ଦ୍ଦେଶ୍‌ଥି ଇ କର୍ମଶାଳା ହେଇଥିଲା ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଘଂଟପଡ଼ା ପୁଲିସ୍ ତର୍ଫୁ ଘଂଟ୍ପଡ଼ା ସମଲେଶ୍ୱରୀ ହାଇସ୍କୁଲ୍ ଠାନେ ମହିଲା ଅଧିକାର୍ ଆଉ ନୂଆଁ ଫୌଜଦାରୀ ଆଇନ୍ ଆଉ ସାଇବର୍ ଅପରାଧ୍ ବାବ୍ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଛାତ୍ରଛାତ୍ରୀମାନ୍କୁ ସେମାନ୍କର୍ ଅଧିକାର୍ ଆଉ ନୂଆଁ ଆଇନ୍ ବାବ୍ଦେ କାର୍ଯ୍ୟକ୍ରମ୍ଥି ବୁଝାଯାଇଥିଲା । ଇ ସବୁ ଆଇନ୍ ବାବ୍ଦେ ସମ୍କୁ ସଚେତନ୍ ହେବାର୍ ସହେତେ ଇତାର୍ କାର୍ଯ୍ୟକାରିତା ଉପ୍ରେ ସଚେତନ୍ କର୍ବାର୍କେ ପରାମର୍ଶ ଦିଆଯାଇଛେ ।

ପିଏମ୍ ଫସଲ୍ ବୀମା ସଚେତନତା ରଥ ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ୩ ଟା ପ୍ରଧାନ୍ମନ୍ତ୍ରୀ ଫସଲ୍ ବୀମା ସଚେତନତା ରଥର୍ ଶୁଭାରମ୍ଭ ହେଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରଥର୍ ଶୁଭାରମ୍ଭ କରିଛନ୍ । ଇ ତିନ୍ହି ରଥ ଜିଲ୍ଲାର୍ ୩ ଟା ବ୍ଲକ୍ର ଭିନ୍ ଭିନ୍ ଗାଁ ବୁଲିକରି ପ୍ରଧାନ୍ମନ୍ତ୍ରୀ ଫସଲ୍ ବୀମା ଯୋଜ୍ନାର୍ ଲାଭ୍ ବାବ୍ଦେ ଚାଷୀମାନ୍କୁ ସଚେତନ୍ କରାବା ।

ପରାମର୍ଶ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଅଦାଲତ୍ ପରିସର୍ ନ ଜିଲ୍ଲା ଦୌରା ଜଜ୍ ନିରଞ୍ଜନ୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ କିଶୋର୍ ନ୍ୟାୟ ଆଉ ଶିଶୁ କନ୍ୟା ସୁରକ୍ଷା ପରାମର୍ଶ ଶିବିର୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ସବୁ ମାଜିଷ୍ଟ୍ରେଟ୍ ଯୋଗ୍ ଦେଇଥିବାର୍ ବେଳେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ଜି.ଆର୍. ରାଘବେନ୍ଦ୍ର ରେଡ୍ଡୀ ପ୍ରମୁଖ ଯୋଗ୍ ଦେଇଥିଲେ ।

ଦୌଡ଼କୁଦ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ କଟକ୍

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା କାଏଲ୍ ବିଶ୍ୱ ଏଥ୍‌ଲେଟିକ୍ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍ ଦୌଡ଼କୁଦ ପ୍ରତିଯୋଗିତା ହେବା । ପ୍ରତିଯୋଗିତାର୍ ୧୮ ଟା ବର୍ଗଥି ଭାଗ୍ ନେବାର୍ ଲାଗି ବହୁତ୍‌ଟେ ତାରକା ଖେଳାଳି ଭୁବ୍‌ନେଶ୍ୱର୍ ନ ପୁହୁଁଚିଛନ୍ । ୧୭ ଟା ଦେଶର୍ ମୋଟ୍ ଶହେ ୬୦ ଝନ୍ ପ୍ରତିଯୋଗୀ ଇଥି ଭାଗ୍ ନେଉଛନ୍ । ସେଥିର୍‌ଭିତ୍‌ରୁ ଭାରତ୍‌ର ୯୭ ଝନ୍ ଆଉ ୬୩ ଝନ୍ ବିଦେଶୀ ଖେଳାଳି ଅଛନ୍ ।